## ଝାଡ଼ଖଣ୍ଡରେ କେନ୍ଦ୍ର ସାହିତ୍ୟ ଏକାଡେମୀ କାର୍ଯ୍ୟକ୍ରମ

# ସାହିତ୍ୟ ଓ ଭାଷା ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସୀମିତ ନୁହେଁ



ଭୁବନେଶ୍ୱର,୨୪।୫(ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ କିମ୍ବା ସଂସ୍କୃତି କୌଣସି ନିର୍ଦ୍ଦିଷ୍ଟ ଭୂଖଣ୍ଡ ମଧ୍ୟରେ ସୀମାବଦ୍ଧ ନୁହେଁ। ଏହାର ପ୍ରଚାର ପ୍ରସାର ଓ ସଂରକ୍ଷଣ ଆମ ସମସ୍ତଙ୍କ ସାମୁହିକ ଦାୟିତ୍ୱ। ଝାଡ଼ଖଣ୍ଡର ଚାଇଁବସାସ୍ଥିତ କୋହ୍ଲାଣ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଚେୟାରର ପ୍ରଫେସର ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋହ୍ଲାଣ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଗଙ୍ଗାଧର ପଣ୍ଡା, ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ଦୀନେଶ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧିରେ ସିଂହଭୂମିର ଅବଦାନ ସମ୍ପର୍କରେ କହିଥିଲେ। ଏକାଡେମୀର ଆଞ୍ଚଳିକ ସଚିବ ଦେବେନ୍ଦ୍ର ଦେବେଶ ସ୍ୱାଗତ ଭାଷଣ ଓ ଅଧ୍ୟାପକ ପ୍ରବାସ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟ ଦୁଇଟି ଅଧିବେଶନରେ ଯଥାକ୍ରମେ ପ୍ର. ବିଜୟ କୁମାର ଶତପଥୀ ଓ ପ୍ରଦୀପ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ହରିହର ପ୍ରଧାନ, ପ୍ର. ସତ୍ୟପ୍ରିୟ ମହାଳିକ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ଗବେଷକ ଓ ଅଧ୍ୟାପକ ପ୍ରବନ୍ଧ ପାଠ କରିବା ସହ ଭାଷା, ସାହିତ୍ୟ ଓ ସଂସ୍କୃତିର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସିଂହଭୂମି, ଷଢ଼େଇକଳା, ଖରସୁଆଁ ଅଞ୍ଚଳର ଅନେକ ସାହିତ୍ୟିକ, ଅଧ୍ୟାପକ, ସମାଲୋଚକ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।